ସମାଜ
The Samaja

୫ ଅଗଷ୍ଟ ୨୦୧୫ ବୁଧବାର

# ମୁକ୍ତ ବିଶ୍ୱବିଦ୍ୟାଳୟ ଆକର୍ଷଣ ବଢୁଛି

ଭୁବନେଶ୍ୱର, ୫ । ୮ (ତଥ୍ୟ)- ନବଗଠିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଏ ବର୍ଷ ଅନ୍ୟୂନ ୩ ହଜାର ଛାତ୍ରଛାତ୍ରୀ ନାମ ଲେଖାଇବା ଆଶା କରାଯାଉଛି । ଇଗ୍ନୋ ସହାୟତାରେ କେତେକ ଆକର୍ଷଣୀୟ ନୂଆ ପାଠ୍ୟକ୍ରମ ପ୍ରଚଳିତ ହୋଇଥିବାରୁ ଓଡିଶାର ଏହି ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ ବିଭିନ୍ନ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରତି ଆକର୍ଷଣ ବୃଦ୍ଧିପାଇବବୋଲି ଆଶା କରାଯାଉଛି ।

ଏହି ନୂଆ ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ ହୋଇନଥିବାବେଳେ ଅଫିସର ଅନ୍ ସ୍ପେସାଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତି ପାଇଥିବା ଡକ୍ଟର ସୀତାକାନ୍ତ ମହାପାତ୍ର ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ବେଶ ଉଜ୍ଜ୍ୱଳ ବୋଲି କହିଛନ୍ତି । ଇଗ୍ନୋରେ ଦୀର୍ଘଦିନ ଧରି ଦୂର ଓ ନିରନ୍ତର ଶିକ୍ଷାର ପ୍ରଚାର, ପ୍ରସାର ସହିତ ଗବେଷଣା ଓ ଶିକ୍ଷାଦାନ କ୍ଷେତ୍ରରେ ବହୁବର୍ଷ ଧରି ଜଡିତଥିବା ଡକ୍ଟର ମହାପାତ୍ରଙ୍କ ଦୀର୍ଘ ଅଭିଜ୍ଞତା ଏହି ନୂଆ ମୁକ୍ତ ବିଶ୍ୱବିଦ୍ୟାଳୟର ମୂଳଦୁଆକୁ ସୁଦୃଢ କରିବବୋଲି ଆଶା କରାଯାଉଛି ।

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଏହି ମୁକ୍ତ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଆରମ୍ଭ ହୋଇଛି । ଯେଉଁମାନେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ ନିୟମିତ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରିବାର ସୁଯୋଗ ପାଉନାହାନ୍ତି ସେମାନଙ୍କ ଶିକ୍ଷାର ବିକାଶ କ୍ଷେତ୍ରରେ ଏହି ମୁକ୍ତ ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବବୋଲି ଆଶା କରାଯାଉଛି ।

ଡକ୍ଟର ମହାପାତ୍ର ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଗଗନ କୁମାର ଧଳଙ୍କୁ ରାଜ୍ୟ ସଚିବାଳୟରେ ଭେଟି ଏହି ମୁକ୍ତ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ, ସମ୍ଭାବନା, ସମସ୍ୟା ଓ ସଙ୍କଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଓଡିଶା ରାଜ୍ୟର ଏହି ପ୍ରଥମ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଦୀର୍ଘଦିନ ଧରି ଶ୍ରୀ ଧଳ ନିରବଚ୍ଛିନ୍ନ ଭାବେ ଉଦ୍ୟମକରି ଆସୁଥିଲେ । ରାଜ୍ୟର ଅନ୍ୟୂନ ୫ ଟି ସ୍ଥାନରେ ଏହି ନୂଆ ମୁକ୍ତବିଶ୍ୱବିଦ୍ୟାଳୟର ଆଞ୍ଚଳିକ ତଥା ଶିକ୍ଷାକେନ୍ଦ୍ର ମାନ ବିଭିନ୍ନ ସରକାରୀ କଲେଜ କ୍ୟାମ୍ପସରେ ଚଳାଇବାପାଇଁ ପ୍ରସ୍ତୁତି ଚାଲିଛି ।

ଉଚ୍ଚଶିକ୍ଷା କ୍ଷେତ୍ରରେ ନାମାଙ୍କନ ହାର ୨୦୨୨ ମସିହା ସୁଦ୍ଧା ୩୦ ପ୍ରତିଶତରେ ପହଞ୍ଚାଇବାପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହାକୁ ସାକାର କରିବା କ୍ଷେତ୍ରରେ ଏହି ମୁକ୍ତ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ । ନବଗଠିତ ମୁକ୍ତ ବିଶ୍ୱବିଦ୍ୟାଳୟ ଲାଗି ଅଭିଜ୍ଞ ଗବେଷକ, ଅଧ୍ୟାପକ ବିଶେଷକରି ଅବସରପ୍ରାପ୍ତ ଅଧ୍ୟାପକ ମାନଙ୍କ ସହାୟତା ନିଆଯିବ । ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଲେଖିବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ଏମାନଙ୍କ ସେବାକୁ ଅଗ୍ରାଧିକାର ଦିଆଯିବ ବୋଲି ଜଣାପଡିଛି । ଡକ୍ଟର ମହାପାତ୍ର କହିଛନ୍ତି ଯେ ୨୦୨୨ ମସିହା ସୁଦ୍ଧା ଦେଶରେ ଅନ୍ୟୂନ ୫୦ କୋଟି କୁଶଳୀ କର୍ମଜୀବୀ ସୃଷ୍ଟିପାଇଁ ଭାରତ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ସେଥିରେ ଓଡିଶାର ବିଶେଷ ଯୋଗଦାନ ରହିବ । ଏହାକୁ ଆଖିଆଗରେ ରଖି ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଷୟରେ ଉଭୟ ପାରମ୍ପରିକ ଓ ଅଣପାରମ୍ପରିକ ନିଯୁକ୍ତି ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବ ଏବଂ  ଏଠାରେ ଯେପରି ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଏ ସେ ଦିଗରେ ମଧ୍ୟ ବିଶେଷ ଧ୍ୟାନ ଦିଆଯିବ । ଶିକ୍ଷା ସହିତ ଗବେଷଣା ଓ ତାଲିମ କାର୍ଯ୍ୟକ୍ରମକୁ ମଧ୍ୟ ବିଭିନ୍ନ ପାଠ୍ୟକ୍ରମରେ ଅଗ୍ରାଧିକାର ଦିଆଯିବବୋଲି ଆଲୋଚନା ସମୟରେ ଡକ୍ଟର ମହାପାତ୍ର ସୂଚାଇଛନ୍ତି । ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରେ ଅଟୋମୋବାଇଲ, ସ୍ୱାସ୍ଥ୍ୟ, ପାରାମେଡିକାଲ, ବ୍ୟାଙ୍କିଙ୍ଗ୍ ଓ ଇନସ୍ୟୁରାନ୍ସ, କୃଷି, ସୂଚନା ପ୍ରଯୁକ୍ତି ଆଦି ବିଭିନ୍ନ ପାଠ୍ୟକ୍ରମ ଏହି ନୂଆ ମୁକ୍ତ ବିଶ୍ୱବିଦ୍ୟାଳୟ ହାତକୁ ନେଉଛି ।